# ଓଡ଼ିଆ - ୩୦୫

# Odia (305)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୩-୨୪)

## Tutor Marked Assignment (2023-24)

ପୂ.ସଂ = ୨୦

ଟିପପଣୀ: (କ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେବା ବାଧ୍ୟତା ମୂଳକ । ପ୍ରତ୍ୟେକ ପ୍ରଶ୍ନର ନିର୍ଦ୍ଧାରିତ ମୂଲ୍ୟାଙ୍କ ଏହାର ଡାହାଣ ପାର୍ଶ୍ୱରେ ସୂଚିତ ଅଛି ।

(ଖ) ଉତ୍ତର ପୁସ୍ତିକାର ୧ମ ପୃଷ୍ଠାର ଉପର ଅଂଶରେ ନିଜନାମ, ଅନୁକ୍ରମାଙ୍କ, ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟ - ସ୍ପଷ୍ଟ ଭାବରେ ଲେଖ ।

**ପ୍ରଶ୍ନ - ୧** ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨ x ୧)

(କ) ଧର୍ମରେ ଥିବା ଲୋକମାନଙ୍କୁ ଧର୍ମ ରକ୍ଷାକରେ । ଯେକୌଣସି ଏକ ପୁରାଣ କାହାଣୀ ଆଶ୍ରୟରେ ଏହାର ସତ୍ୟତା ବିଚାର କର । (ପାଠ - ୧୧)

(ଖ) ଡାଆଣିଆ ଖରା ଆମୋଦ ଦାୟକ । ନିଜସ୍ୱ ଅନୁଭୂତି ଥିଲେ ପ୍ରକାଶ କର । (ପାଠ - ୧୩)

**ପ୍ରଶ୍ନ - ୨** ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨ x ୧)

(କ) ଜାତିଆଣ ବିଭେଦତା କାରଣରୁ ପୁଅ ଅଛୁଆଁ ହୋଇ ଆଖି ଆଗରୁ ଦୂରେଇଗଲେ ମାତୃ ହୃଦୟ କିପରି ବିଳାପି ଉଠେ ତାର ଏକ ମାର୍ମିକ ଚିତ୍ର ପ୍ରଦାନ କର । (ପାଠ - ୧)

(ଖ) କର୍ତ୍ତବ୍ୟର ତାଡ଼ନାରେ ପୋଲିସ ପିତାର ବନ୍ଧୁକ ଏକମାତ୍ର ପୁତ୍ରର ମୃତ୍ୟୁର କାରଣ ହେଲା । ଘରକୁ ଫେରିଲା ପରେ ଯୁବତୀ ବୋହୂର ବିଧବା ବେଶ ଓ କ୍ରନ୍ଦନ ପୋଲିସ ପିତାର ଅନ୍ତରରେ କି ପ୍ରକାର କାରୁଣ୍ୟ ସୃଷ୍ଟି କରିଥିବ - ଜଣେ ଅନୁଭବୀର ମନ ନେଇ ଲେଖ । (ପାଠ - ୨)

**ପ୍ରଶ୍ନ - ୩** ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨ x ୧)

(କ) ମାନବ ସେବାରେ ବିଜ୍ଞାନର ଭୂମିକା ଅବର୍ଣ୍ଣନୀୟ - ଅଳ୍ପରେ ବର୍ଣ୍ଣନା କର । (ପାଠ - ୭)

(ଖ) ଭାରତୀୟ ଗଣତନ୍ତ୍ରରେ ଧନୀ-ଦରିଦ୍ର ତାରତମ୍ୟକୁ କିପରି ଦୁରେଇ ଦିଆଯାଇପାରିବ - ସଂକ୍ଷିପ୍ତ ମତ ସାବ୍ୟସ୍ତ କର । (ପାଠ - ୩)

**ପ୍ରଶ୍ନ - ୪** ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪ x ୧)

(କ) ମହାପୁରୁଷଙ୍କ ଜୀବନୀ ପାଠକଲେ କି ଲାଭ ହୁଏ, ଜଣେ ମହାପୁରୁଷଙ୍କୁ ନେଇ ଆଲୋଚନା କର। (ପାଠ - ୮)

(ଖ) ଆମ ପରୀକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ପାଇଁ ଆଉ କଣ କରାଯାଇପାରେ ଲେଖ । (ପାଠ - ୮)

**ପ୍ରଶ୍ନ - ୫** ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪ x ୧)

(କ) ଆମ ପରମ୍ପରାରେ ପର୍ବ ପର୍ବାଣୀ ପାଳନ କିପରି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କର । (ପାଠ - ୧୦)

(ଖ) ପତି ପତ୍ନୀର ମତାନ୍ତର ଏକ ସାଧାରଣ କଥା ସକାଳର ମେଘପରି ଏହା ପ୍ରଭାବହୀନ ଓ କ୍ଷଣସ୍ଥାୟୀ ।ଏପରି ଅନୁଭବଥିଲେ ପ୍ରକାଶ କର ।(ପାଠ - ୧)

**ପ୍ରଶ୍ନ - ୬** ଯେ କୌଣସି ଗୋଟିଏ ପ୍ରଶ୍ନର ପ୍ରକଳ୍ପ ଅନୁନ୍ୟ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର ।(୬ x ୧)

(କ) ଛାତ୍ରର ଶୃଙ୍ଖଳାବଦ୍ଧ ଜୀବନରେ ମୋବାଇଲର ଉପଯୋଗ ଓ ଦୁରୁପଯୋଗ ।(ପାଠ - ୬)

(ଖ) ଆମ ପୁରାଣ ସାହିତ୍ୟର ତୁଳନା ନାହିଁ କାହିଁକି - ଏକ ପ୍ରକଳ୍ପ ଲେଖ ।(ପାଠ - ୮)